ଶନିବାର, ୨୮ ଜୁନ୍, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ରାଜୁ ସେଲୁନ୍ ଖୋଲିଲା। ବିଜୁ ଥରେ ରାଜୁ ସେଲୁନକୁ ଗଲା କେଶ କାଟିବାକୁ । ରାଜୁ: ନିଶ ରଖିବ ?
ବିଜୁ: ହଁ।
ରାଜୁ: ବିଜୁ ନିଶ କାଟି ତାକୁ ଧରାଇ ଦେଇ କହିଲା, ନିଅ ତୁମ ନିଶ ଯେଉଁଠି ତୁମକୁ ରଖିବାର ଅଛି ରଖ ମୋର ଦରକାର ନାହିଁ।

ବ୍ୟାଙ୍କ ମାନେଜର: କ୍ୟାଶ୍ ସରିଗଲାଣି କାଲି ଆସ।
ରଘୁ: କିନ୍ତୁ ମୋତେ ଆଜି ଏବେ ଦରକାର।
ମ୍ୟାନେଜର: ଦେଖନ୍ତୁ ଆପଣ ରାଗନ୍ତୁ ନାହିଁ, ଶାନ୍ତି ସହ କଥା ହୁଅନ୍ତୁ।
ରଘୁ: ଠିକ୍ ଅଛି, ଶାନ୍ତିକୁ ଡାକ। ଆଜି ତ ତାଙ୍କ ସହିତ କଥା ହୋଇ ନିଶ୍ଚିନ୍ତରେ ଯିବି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com

# ଶୁଆଶାରୀ ସମ୍ବାଦ



ଗପ

ଅଯୋଧ୍ୟାର ମହା ପରାକ୍ରମୀ ରାଜା ଦଶରଥ ଏକଦା ନାରୀଙ୍କ ପ୍ରେମରେ ବିଭୋର ହୋଇ ରାଜ କାର୍ଯ୍ୟରୁ ନିବୃତ୍ତ ରହିଲେ। ସୁଚାର ରୂପେ ରାଜ୍ୟ କାର୍ଯ୍ୟରେ ମନ ନିବେଶ ନ କରିବାରୁ ରାଜ୍ୟରେ ବିଭିନ୍ନ ପ୍ରକାରର ସମସ୍ୟା ଉପୁଜିଲା। ଅନ୍ୟାୟ ଅତ୍ୟାଚାର ବଢିବାକୁ ଲାଗିଲା।

ସ୍ୱର୍ଗପୁରରେ ଅଯୋଧ୍ୟାର ଅବସ୍ଥା ଦେଖି ସର୍ବେ ବିଚଳିତ ହୋଇ ଉଠିଲେ। ଯେଉଁ ବଂଶର ରାଜା ହରିଶ୍ଚନ୍ଦ୍ର ନିଜର ଦାନ ଆଉ ପ୍ରଜା ପାଳନ ପାଇଁ ଖ୍ୟାତି ଲାଭ କରିଥିଲେ, ସେହି ରାଜ୍ୟ ଆଜି ବିପଦରେ। ଏ ସମସ୍ତ ସ୍ଥିତିକୁ ଲକ୍ଷ୍ୟକରି ସମସ୍ତ ଦେବଗଣ ବିଚାର କରି ନାରଦଙ୍କୁ ଅଯୋଧ୍ୟାକୁ ପଠାଇଲେ।

ନାରଦ ରାଜା ଦଶରଥଙ୍କୁ ଭେଟି ରାଜ୍ୟର ଅବସ୍ଥା ସମ୍ବନ୍ଧରେ ଅବଗତ କରାଇଲେ। ରାଜ୍ୟର ଏହିଭଳି ଅବସ୍ଥା ପାଇଁ ରାଜା ଦଶରଥଙ୍କୁ ଦାୟୀ କରିବା ସହ ଭୁଲ୍ ସମ୍ବନ୍ଧରେ ଜଣାଇ କହିଲେ, ‘‘ତୁମେ ଯଦି ଏପରି କରିବ ହୁଏତ ଆଉ କିଛିଦିନ ପରେ ରାଜ୍ୟର ଅନ୍ତ ଘଟିଯିବ।’’ ନାରଦଙ୍କଠାରୁ ସମସ୍ତ କଥା ଶୁଣିବାପରେ ରାଜା ଦଶରଥ କହିଲେ, ‘‘ହେଲେ ମୁଁ ତ କାହାର ଅମଙ୍ଗଳ ଚିନ୍ତା କରିନି। ଏବେ ବି ସମାନ ଢଙ୍ଗରେ ପ୍ରଜା ପାଳୁଛି। ଦେବରାଜ ଇନ୍ଦ୍ର ମୋର ବନ୍ଧୁ ହୋଇଥିବା ସତ୍ତ୍ୱେ ରାଜ୍ୟରେ ପାଣିର କାହିଁକି ଅଭାବ ଦେଖାଦେଇଛି ତାହା ଜାଣିପାରୁନି। ଜୀବଜନ୍ତୁଙ୍କଠାରୁ ଆରମ୍ଭ କରି ପ୍ରାଣୀ ଜଗତ ମଧ୍ୟ ବିପଦରେ। ଏହା କହି ସେ ଦେବରାଜଙ୍କ ସହ ଭେଟ କରିବା ପାଇଁ ବାହାରିଲେ।

କିଛିବାଟ ଯିବାପରେ ଥକା ଲାଗିବାରୁ ସେ ଏକ ଗଛ ମୂଳେ ବିଶ୍ରାମ ନେବାପାଇଁ ବସି ପଡିଲେ। ସେହି ଗଛରେ ଦୁଇ ଶୁକ ପକ୍ଷୀ କଥା ହେଉଥିବାର ରାଜା ଶୁଣିପାରିଲେ। ଶାରୀ କହୁଥାଏ, ‘‘ଚାଲ ଏବେ ଆମେ ଏ ରାଜ୍ୟ ଛାଡି ଅନ୍ୟ ଏକ ରାଜ୍ୟକୁ ପଳାଇବା। ଯେଉଁ ରାଜ୍ୟରେ ନିଜର ଜୀବନ ବଞ୍ଚାଇବା ନିମନ୍ତେ ସାଧାରଣ ଦ୍ରବ୍ୟ ମିଳୁନାହିଁ, ସେଠି ରହି ଜୀବନ ହାରିବା ଅପେକ୍ଷା ଅନ୍ୟରାଜ୍ୟ ଯାଇ ରହିବା ଭଲ। ଯେଉଁଠି ରାଜା ନିଜର କର୍ତ୍ତବ୍ୟ ଭୁଲି ଭୋଗବିଳାସରେ ଲିପ୍ତ ରହୁଛନ୍ତି, ପ୍ରଜା ଦୁଃଖ ଭୁଲି ନିଜର ସୁଖରେ ମାତିଛନ୍ତି ସେ ସ୍ଥାନରେ ରହି ବା କି ଲାଭ ହେବ!’’

ଏକଥା ଶୁଣି ଶୁଆ କହିଲା, ‘‘ଠିକ୍ କହିଲ ପ୍ରିୟତମା ହେଲେ ଯେତେବେଳେ ନିଜ ମାଟି ମା’ ଉପରେ ବିପଦ ଆସିଛି ତାକୁ ଛାଡିକି ଯିବାଟା ଠିକ୍ ହେବନାହିଁ।’’

ଶୁଆ କଥା ଶୁଣି ଶାରୀ କହିଲା, ‘‘ସେ ପର୍ଯ୍ୟନ୍ତ ଜୀବନ ଧରି ରଖି ପାରିଲେ ତ ହେବ। ହେଲେ ମହାରାଜା ପ୍ରଥମେ ନିଜର ଭୁଲ୍ ବୁଝି ରାଜ କାର୍ଯ୍ୟରେ ମନ ନିବେଶ କରିବା ଉଚିତ।’’

ରାଜା ଗଛ ତଳେ ଥାଇ ସବୁ କଥା ଶୁଣିବା ପରେ ଚିନ୍ତା କଲେ ସତରେ ଦେବଶ୍ରୀ ନାରଦ ଯାହା କହୁଥିଲେ ଠିକ୍। ଏତେ ସୁନ୍ଦର ରାଜ୍ୟର ପରିସ୍ଥିତି ଏଭଳି ହେବ ବୋଲି କେହି ଭାବି ନ ଥିଲେ। ରାଜା ଶୁକପକ୍ଷୀଙ୍କ ଉଦ୍ଦେଶ୍ୟରେ କହିଲେ, ‘‘ଆହେ ଶୁକପକ୍ଷୀ ତୁମେ ଯେଉଁ ରାଜାଙ୍କ କଥା କହୁଛ ମୁଁ ସେଇ ରାଜା। ତୁମେ ଆଉ କିଛିଦିନ ଅପେକ୍ଷା କର ସବୁ ଠିକ୍ ହୋଇଯିବ। ତୁମ ଦେଶ ଭକ୍ତି ଦେଖି ମୋ ଆଖି ଖୋଲିଗଲା।’’

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ଆଦୌ ମଶା ନାହାନ୍ତି



ବର୍ଷାଦିନେ ମଶାଙ୍କର ଏତେ ସଂଖ୍ୟାରେ ବଂଶ ବୃଦ୍ଧି ହୁଏ ଯେ ଏହି କାରଣରୁ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହୁଏ। ମଶା କବଳରୁ ସୁରକ୍ଷିତ ରହିବା ଲାଗି ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ହୁଏ। ହେଲେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଆଦୌ ମଶା ନାହାନ୍ତି। ଏହି ସ୍ଥାନଟି ହେଉଛି ଆଇସଲାଣ୍ଡ। ଉତ୍ତରପଶ୍ଚିମ ଇଉରୋପର ଏହି ଦ୍ୱୀପରେ ଆଦୌ ମଶା ନାହାନ୍ତି।

ଏଠାରେ ମଶା କାହିଁକି ନାହାନ୍ତି ସେସମ୍ପର୍କରେ କୌଣସି ଏକ ନିର୍ଦ୍ଦିଷ୍ଟ କାରଣ ଜଣା ପଡି ନାହିଁ। ତେବେ ଏହି ଅଞ୍ଚଳର ଅତ୍ୟଧିକ ଥଣ୍ଡା ପରିବେଶ ପାଇଁ ମଶା ସେମାନଙ୍କର ବଂଶ ବିସ୍ତାର କରିପାରନ୍ତି ନାହିଁ ବୋଲି ଅନୁମାନ କରାଯାଏ। ଆଇସଲ୍ୟାଣ୍ଡର ଆଉ ଏକ ଆଶ୍ଚର୍ଯ୍ୟ ହେଉଛି ଏହାର ପରିବେଶ। ଏଠାରେ ପାଣିପାଗ ହଠାତ୍ ବଦଳିପାରେ। ଏମିତିକି ଗୋଟିଏ ଦିନରେ ବି ଭିନ୍ନ ଭିନ୍ନ ଋତୁକୁ ଅନୁଭବ କରିହୁଏ। ପର୍ଯ୍ୟଟକଙ୍କ ପାଇଁ ଅନେକ ସମୟରେ ଏହି ପରିବେଶ ଚ୍ୟାଲେଞ୍ଜିଂ ହୋଇଥାଏ। ତେବେ ଏହାର ପଡ଼ୋଶୀ ଦେଶ ଡେନମାର୍କ, ସ୍କଟ୍‌ଲାଣ୍ଡ ଏମିତିକି ଗ୍ରୀନଲାଣ୍ଡରେ ମଧ୍ୟ ମଶା ଅଛନ୍ତି।

## ଚିଠାଚିଠି

❖ ତୁମତୂଳୀରେ ପ୍ରକାଶିତ ହୋଇଥିବା ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।
**–ରାଜବୀର ସ୍ୱାଇଁ, ଗୋବିନ୍ଦପୁର, କଟକ**


❖ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ ହେଉଥିବା ବିଷୟଗୁଡିକ ଭଲ ଲାଗୁଛି। ଏଥର ରତ୍ନସିଂହାସନରେ ସପ୍ତଦେବଦେବୀ ପାଠଟି ପିଲାଙ୍କ ଲାଗି ନିହାତି ଉପଯୋଗୀ।
**– ଟୁନା ମଲ୍ଲିକ, ଭଣ୍ଡାରିପୋଖରୀ, ଭଦ୍ରକ**

❖ ଗଳ୍ପରେ ଖେଚୁଡି ଖାଇଲେ ଗଳ୍ପଟି ଶିକ୍ଷଣୀୟ ହୋଇଛି।
**– ତୁଷାର ନାୟକ, ନୟାଗଡ଼**

## ରଙ୍ଗ ଦିଅ









# ଏକାଗ୍ରତାର ସୂତ୍ର

ମନ୍ତ୍ର କେବଳ ଧାର୍ମିକ ଶବ୍ଦ ନୁହେଁ, ଏହା ଶକ୍ତିର ଉତ୍ସ। ଯେତେବେଳେ ପିଲା ଏହି ଶବ୍ଦ ଦ୍ୱାରା ଜଡିତ ହୁଏ, ତା' ମଧ୍ୟରେ ଆତ୍ମବଳ, ସାହସ, ଧୈର୍ଯ୍ୟ ଏବଂ କରୁଣା ଆଦି ଭାବନା ସେହି ବାଲ୍ୟକାଳରୁ ଯଦି ଜାଗ୍ରତ ହୁଏ ତେବେ ସେ ଭଲ ମଣିଷ ହେବାର ସମ୍ଭାବନା ବଢିଯାଏ। ପିଲା ମାନସିକ ସ୍ତରରେ ଏବଂ ନିଜର ଆତ୍ମବଳ ବୃଦ୍ଧି ପାଇଁ ମନ୍ତ୍ର ଶିଖିଲେ ତା'ର ସକାରାତ୍ମକ ପ୍ରଭାବ ପଡିଥାଏ। 'ଓମ୍'ର ଉଚ୍ଚାରଣ ପିଲାକୁ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରିଥାଏ। ମହାମୃତ୍ୟୁଞ୍ଜୟ ମନ୍ତ୍ର- ଏହା ନକାରାତ୍ମକ ଭାବନା ଏବଂ ଭୟକୁ ଦୂର କରିବାରେ ସହାୟ ହୁଏ। ପିଲା ଜନ୍ମ ସମୟରେ ଖାଲିଖାତାର ଫର୍ଦ୍ଦ ପରି ହୋଇଥାଏ। ଯାହା ଏଥିରେ ଲେଖାହେବ, ତା'ର ଭାବନା ଏବଂ ସ୍ୱଭାବ ସେହି ପରି ହେବ। ବାଲ୍ୟକାଳ ପିଲା ପାଇଁ ବହୁତ ମହତ୍ୱପୂର୍ଣ୍ଣ। ପାଠପଢା ହେଉ କି ଖେଳ, କଳା ପ୍ରତିଟି କ୍ଷେତ୍ରରେ ପିଲାକୁ ଦେଖାଇବାର ଅଛି ନିଜର ପାରଦର୍ଶିତା। କିନ୍ତୁ ଜୀବନରେ ଉଠାଣି ଗଡାଣିରେ ସେ ନିଜକୁ କିପରି ଆଗକୁ ନେବ ସେହି ଉପାୟ ବିଷୟରେ କମ୍ ଶିକ୍ଷା ମିଳେ। ତେବେ ଏଥିପାଇଁ ମାନସିକ ସ୍ତରରେ କିପରି ନିଜକୁ ଦୃଢ କରିବ ସେ କଥା ପିଲାଟି ବେଳରୁ ଶିଖିବା ଆବଶ୍ୟକ। ଛୋଟଛୋଟ ମନ୍ତ୍ର ସକାରାତ୍ମକ ଭାବନା ସୃଷ୍ଟିର ଉତ୍ସ ହୋଇଥିବାବେଳେ ଏହାଦ୍ୱାରା ପିଲା ଦୃଢମନା ହେବାର ସମ୍ଭାବନା ରହିଛି।

## ଓମ୍: ଭାବନାକୁ ଶାନ୍ତ କରୁଥିବା ମନ୍ତ୍ର

ଏହା କୌଣସି ସାଧାରଣ ଶବ୍ଦ ନୁହେଁ। ଏହା ଏକ ଶକ୍ତି ଏବଂ ଏକାଗ୍ରତାର ଉତ୍ସ ହୋଇପାରେ। ଯଦି ପିଲା ଦିନକୁ ଦୁଇଥର ସକାଳେ ଏବଂ ସନ୍ଧ୍ୟା ସମୟରେ ୩ରୁ୫ମିନିଟ୍ ଓମ୍ ଶବ୍ଦ ଉଚ୍ଚାରଣ କରନ୍ତି, ତେବେ ତାଙ୍କ ମନ ସ୍ଥିର ରହିଥାଏ। ଏହି ଅଭ୍ୟାସ ସବୁବେଳେ କରିବା ଦ୍ୱାରା କ୍ରୋଧ,ଭୟ ଏବଂ ଅନ୍ୟମନସ୍କ ପରି ଭାବନା ଦୂର ହୋଇଥାଏ। ଏହି ମନ୍ତ୍ରଟିକୁ ସ୍କୁଲ ଯିବା ପୂର୍ବରୁ ଜପ କରନ୍ତୁ। ଦିନଟି ଭଲରେ କଟିବ। ପିଲା ଯେତେବେଳେ ଓମ୍ ଉଚ୍ଚାରଣ କରୁଛି ତା'ର ନିଃଶ୍ୱାସ କେତେବେଳେ ନେବ କେତେବେଳେ ଛାଡିବ ଏଥି ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହା ପିଲାର ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

## ମହାମୃତ୍ୟୁଞ୍ଜୟ ମନ୍ତ୍ର: ନକାରାତ୍ମକଠାରୁ ରକ୍ଷା କରିବାର ମନ୍ତ୍ର

ଏହା ଶିବ ଭଗବାନଙ୍କର ସମର୍ପିତ ମନ୍ତ୍ର। ଏହା ମନରୁ ନକାରାତ୍ମକ ଭାବନା, ଅଜଣା ଭୟ ଦୂର କରିବାରେ ସାହାଯ୍ୟ କରେ। ପିଲା ଧୀରେ ଧୀରେ ଏହି ମନ୍ତ୍ରର ପଂକ୍ତି ମନେ ରଖି ତାକୁ ଉଚ୍ଚାରଣ କରିବା ଆବଶ୍ୟକ। ଏହାର ଅର୍ଥ ମଧ୍ୟ ବୁଝିବା ଦରକାର। ଏହି ଅଭ୍ୟାସ ମନକୁ ଦୃଢ଼ କରିଥାଏ।

**ପିଲାଙ୍କ ମନରେ ଏକାଗ୍ରତା ଆଣିବାରେ କେତେକ ମନ୍ତ୍ର ସାହାଯ୍ୟ କରିଥାଏ। ଜାଣନ୍ତୁ ଏଭଳି ମନ୍ତ୍ର ବିଷୟରେ...**

## ଓମ୍ ନମୋ ଭଗବତେ ବାସୁଦେବାୟ

ଭରସା ଏବଂ ସନ୍ତୁଳନର ମନ୍ତ୍ର ଏହା ଭଗବାନ୍ ବିଷ୍ଣୁଙ୍କୁ ସମର୍ପିତ। ପିଲାକୁ ବିଶ୍ୱାସ ଦେଇଥାଏ ଯେ ଦୁନିଆରେ ପ୍ରତିଟି ଜିନିଷ ଏକ କାରଣ ପାଇଁ ହୋଇଥାଏ। ଯେତେବେଳେ ସେମାନେ କୌଣସି କଥାକୁ ନେଇ ଚିନ୍ତିତ ହୁଅନ୍ତି ତେବେ ଏହି ମନ୍ତ୍ର ଉଚ୍ଚାରଣ କରି ପାରନ୍ତି। ଏହାଦ୍ୱାରା ମନ ଶାନ୍ତ ରହିବା ସହ ବୁଦ୍ଧିମତ୍ତାର ବିକାଶ ଘଟିଥାଏ।

## ହନୁମାନ ଚାଳିଶା: ଭୟ ନକରିବାର ପାଠଶାଳା

ହନୁମାନ ସାହସ, ଶକ୍ତି ଏବଂ ନିର୍ଭୟର ପ୍ରତୀକ। ପିଲାମାନେ ଏହାକୁ ପାଠ କରିବା ସହ ମନେ ରଖିବା ଆବଶ୍ୟକ। ଯେତେବେଳେ ପିଲା ଏହି ମନ୍ତ୍ର ଉଚ୍ଚାରଣ କରନ୍ତି କିମ୍ୱା ଶୁଣନ୍ତି ତାଙ୍କ ମଧ୍ୟରେ ଏଭଳି ବିଶ୍ୱାସ ଆସେ ଯେ ସେମାନେ ଏକୁଟିଆ ନାହାନ୍ତି। ଡର କିମ୍ୱା କୌଣସି ସମସ୍ୟା ଆସିଲେ ଭଗବାନ୍‌ଙ୍କୁ ସ୍ମରଣ କରନ୍ତୁ। ଏହାଦ୍ୱାରା ମନରେ ଆତ୍ମବିଶ୍ୱାସ ବଢ଼ିଥାଏ। ହନୁମାନଙ୍କ କାହାଣୀ ଯେମିତିକି ଲଙ୍କା ଦହନ, ସଞ୍ଜୀବନୀ ଆଣିବା ଆଦି କାହାଣୀ ପିଲାକୁ ଶିଖାଇ ଥାଏ କି ସମସ୍ୟା ଯାହା ବି ହେଉ ହାର୍ ମାନିବାର ନାହିଁ କି ଭୟ କରିବାର ନାହିଁ।

## ସକାରାତ୍ମକ ବାକ୍ୟ : ମୁଁ କରିପାରେ

ପ୍ରତିଟି ପିଲା ମନ୍ତ୍ର ଉଚ୍ଚାରଣ କରିପାରେ ନାହିଁ, କିନ୍ତୁ ପ୍ରତିଟି ମନ୍ତ୍ର ସହଜ ଏବଂ ପ୍ରଭାବଶାଳୀ। ଏହାଦ୍ୱାରା ସେମାନଙ୍କ ମନରେ ଭାବନା ଆସିଥାଏ ଯେ ମୁଁ ଡରେନି, ମୋ ମନ ଭିତରେ ଆତ୍ମବିଶ୍ୱାସ ଅଛି ଏବଂ ମୁଁ ଏହାକୁ କରିପାରିବି। ''ମୁଁ କରିପାରେ''ବାକ୍ୟକୁ ପିଲା ସକାଳୁ ଉଠିବା ପରେ କିମ୍ୱା ରାତିରେ ଶୋଇବା ପୂର୍ବରୁ ଦୋହରାନ୍ତୁ। ଫଳରେ ପିଲା ମନରେ ଆତ୍ମବିଶ୍ୱାସ ବଢ଼ିବ। ଆଉ ଯେତେବେଳେ କୌଣସି ବିପଦର ସାମ୍ନା କରିବେ ସେତେବେଳେ ଭୟଭୀତ ନ ହୋଇ 'ମୁଁ ପାରିବି'ର ଭାବନା ଆସିବ।

**ଏମାନେ କ'ଣ କରନ୍ତି..**

## ସବୁବେଳେ ମନରେ ଭକ୍ତି ଭାବନା ଆଣିବାକୁ ଚେଷ୍ଟା କରେ



ମୁଁ ଯେହେତୁ ପାଠ ପଢୁଛି, ତେଣୁ ମୋ ମନ ଶାନ୍ତ ରହିବା ଆବଶ୍ୟକ। ଏହାର ଏକ ପ୍ରମୁଖ ମାଧ୍ୟମ ହେଲା ପ୍ରାର୍ଥନା ଏବଂ ନାମ ଜପ କରିବା। ମୁଁ ପ୍ରତିଦିନ ସନ୍ଧ୍ୟାରେ ପ୍ରାର୍ଥନା କରିଥାଏ। ଗାଧୋଇ ସାରିବା ପରେ ଠାକୁରଙ୍କ ପାଖରେ ବସି କିଛି ମନ୍ତ୍ର ଉଚ୍ଚାରଣ କରେ। ଏହାଦ୍ୱାରା ମୁଁ ମୋ ମନକୁ କେତେକାଂଶରେ ଶାନ୍ତ ରଖିପାରୁଛି। ପାଠ ପଢ଼ିବା ପ୍ରତି ଏକାଗ୍ରତା ଆସୁଛି। ମନରେ ନକାରାତ୍ମକ ଧାରଣା ସେଭଳି ଆସୁନି। ତେଣୁ ଏହିସବୁ ମନ୍ତ୍ର ଜପିବା ଦ୍ୱାରା ମନକୁ ଅନେକାଂଶରେ ଶାନ୍ତ ରଖିପାରିଛି। ମୁଁ ସବୁଦିନ ଗାଧୋଇବା ପରେ ସୂର୍ଯ୍ୟଦେବତାଙ୍କୁ ପ୍ରଣାମ କରି ମଧ୍ୟ ମନ୍ତ୍ର ଜପ କରିଥାଏ।

**-ରାଜଶ୍ରୀ ସାହୁ,** କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଳାଶୋଳ, ଜଗତ୍‌ସିଂହପୁର

## ମନ୍ତ୍ର ଜପ ମୋତେ ନୂଆ ଜୀବନ ଦେଇଛି





ମୁଁ ପ୍ରତିଦିନ ଠାକୁରଙ୍କ ପାଖରେ କିଛି ସମୟ ବସି ପ୍ରାର୍ଥନା କରେ। ଏହି ସମୟରେ ଆମ ସ୍କୁଲ୍‌ରେ ଶିଖାଯାଇଥିବା କେତେକ ମନ୍ତ୍ର ଜପ କରିଥାଏ। ଏତିକିବେଳେ ମୁଁ ମୋର ମନକୁ କେବଳ ମନ୍ତ୍ରଜପରେ କେନ୍ଦ୍ରୀତ ରଖିଥାଏ। ଏହାର ଅନେକ ସୁଫଳ ମୋତେ ମିଳୁଛି। ଏହାଦ୍ୱାରା ମୋ ମନ ଶାନ୍ତ ରହୁଛି। ପାଠ ପଢ଼ିବା ପ୍ରତି ଆଗ୍ରହ ବଢୁଛି। ମୁଁ ପ୍ରତିଦିନ ଆମ ଘର ପାଖରେ ଥିବା ଏକ ମନ୍ଦିରକୁ ଯାଇ ସେଠାରେ କିଛି ସମୟ ବସେ ଏବଂ ମନ୍ତ୍ର ଜପ କରେ। ଏହାଦ୍ୱାରା ମୋତେ ଏକ ନୂଆ ଜୀବନ ମିଳିଛି ବୋଲି କହିବି।

**-ରୂପାଲି ସାହୁ,** କ୍ଲାସ-୯, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ପୁରୀ


୧


୨


୩




୪


୯



୫


୬



୭


୮


୧୦


ପ୍ରୀତମ୍ ଦାଶ
କ୍ଲାସ- ୪, ପୁଷ୍ପଲତା ବିଦ୍ୟାମନ୍ଦିର, ତାମିଲନାଡୁ
୧

ଶ୍ରୀଦିକସା ଦେହୁରୀ
କ୍ଲାସ-୨, ସେଣ୍ଟ ଜନ ସ୍କୁଲ, ବୌଦ୍ଧ

୨


ଦେବରଞ୍ଜନ ସାହୁ
କ୍ଲାସ- ୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
୩

ଜିସାନ୍ତ ପଟ୍ଟନାୟକ
କ୍ଲାସ- ୨, ବିଜେଇଏମ୍-୧ ସ୍କୁଲ, ବିଜେବି ନଗର, କଳ୍ପନା ସ୍କୋୟାର, ଭୁବନେଶ୍ୱର

୪


ଆୟନ ବାଗ
କ୍ଲାସ- ୩, ବିକାଶ ସ୍କୁଲ, ଭବାନିପାଟଣା
୫

ଉପମିତା ଦାସ
କ୍ଲାସ- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶରଥପୁର, ଯାଜପୁର

୬


ରୁଦ୍ରାଂଶୀ ପାଣିଗ୍ରାହୀ
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର
୭

ସୁମୟା ଖାତୁନ
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୮


ବୈଷ୍ଣବୀ ଟୁଡୁ
କ୍ଲାସ- ୭, ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ବହୁବନ୍ଧ, ମୟୂରଭଞ୍ଜ
୯

ଜିଗ୍ନେଶ କୁମାର ମହାନ୍ତି
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୧୦



## ଆଷାଢ଼ ଆସିଛି

ଆଷାଢ଼ ଆସିଛି ଧରଣୀ ହସୁଛି
ଜଳୁଛି ବିଜୁଳି ରୋଶଣି
ବାଦଲ ଅଙ୍ଗରୁ ଝରେ ବର୍ଷା ଝର
ଆସିଛି ମୌସୁମୀ ରାଣୀ ।
ଇନ୍ଦ୍ରଧନୁର ସପ୍ତରଙ୍ଗରେ
ସୁନ୍ଦର ଦିଶଇ ଧରା
ଆକାଶ ନଈରେ ବାଦଲ ଭାସୁଛି
ପଡ଼ଇ ସୁନେଲି ଖରା ।
ସବୁଜ ସୁନ୍ଦର ଦିଶୁଛି ଧରଣୀ
ଫୁଟିଛି କଦମ୍ବ କଢ଼ି
କଦମ୍ବ ବାସ୍ନାରେ ମହକଇ ଧରା
ଆସିଲେ ବରଷା ଝଡ଼ି ।
ଆନନ୍ଦେ ଚାତକ ଗାଉଥାଏ ଗୀତ
ବରଷା ରାଣୀକୁ ପାଇ
ଧରଣୀ ରାଣୀ ଫଳବତୀ ହୋଇଛି
ପହିଲି ଆଷାଢ଼ର ସ୍ପର୍ଶ ପାଇ ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

# ( କବିତା )

## ଅମୃତଧାରା

ବରଷା ରାଣୀଲୋ ବରଷା ରାଣୀ,
ତୋ ପାଇଁ ଶୀତଳ ହୁଏ ଧରଣୀ ।
ଚାଷୀ ଭାଇର ତୁ ସାହା ଭରସା,
ବିହନ ବୁଣଇ କରି କେତେ ଆଶା ।
କ୍ଷେତରେ ଫଳଇ ସୁନାର ଶସ୍ୟ,
ଚଷା ଭାଇର ମୁହେଁ ଚେନାଏ ହସ ।
ତୋ ଯୋଗୁ ବହଇ ଜଳର ଧାରା,
ସରସ ସବୁଜ ହୁଏ ଏ ଧରା ।
ଚେତିଲାଣି ଆଜି ମଣିଷ ଜାତି,
ଲଗାଏ ଚାରା ଜାତି ପ୍ରଜାତି ।
ଦେଖରେ ମହୀର ରୂପ ଏକ ନବ,
ପାଳିତ ହୁଅଇ ବନ ମହୋତ୍ସବ
ତୋ ଅମୃତଧାରା ଅଟେ ଅନନ୍ୟ,
ତାକୁ ପାନ କରି ହେଉ ଆମେ ଧନ୍ୟ ।

**– ତସନିମ୍ ସୁଲତାନା**
ଫକୀରସାହି, କାକଟପୁର, ପୁରୀ

## ଯଦି ନ ଦେଖିଛ କିଏ

ଓଡ଼ିଆ ଜାତିର ଇଷ୍ଟ ଦେବତା
ସୁଖ ଶାନ୍ତିଦାତା ବିଶ୍ୱ ନିୟନ୍ତା
ଖ୍ୟାତ ଜଗନ୍ନାଥ ନାମେ
ମହୋଦଧି ତୀରେ ଶିରୀ ମନ୍ଦିରରେ
ବିଜେ ନୀଳାଚଳ ଧାମେ ।
ଏମିତିକା ଦିଅଁ ଦେଖିଛ କିଏ
ପାଦ ପାଣି ନାହିଁ ମୂରତି ଟିଏ
ଚକା ଚକା ଦୁଇ ଆଖି
ଦେଖିଦେଲେ ଥରେ ବେନି ନେତ୍ରକୁ
ମନ ରହିଯାଏ ଲାଖି ।
ଭକତର ସିଏ ଜୀବନ ଧନ
ଭକ୍ତ ପାଶେ ରହି ଥାଏ ତା' ମନ
ପତିତ ଉଦ୍ଧାର ପାଇଁ
ବାରମାସେ ତେର ଯାତରା କରଇ
ଶ୍ରୀକ୍ଷେତ୍ରେ ଜଗତ ସାଇଁ ।
ଅଷାଢ଼ ମାସରେ ଗୁଣ୍ଡିଚା ଯାତ
ଯାତରାଟି ଦେଶ ବିଦେଶେ ଖ୍ୟାତ
ଭାଇ ଭଉଣୀଙ୍କ ସାଥେ
ଗୁଣ୍ଡିଚା ମନ୍ଦିର ବୁଲି ବାହାରନ୍ତି
ଚଢି ତିନିଗୋଟି ରଥେ ।
ତା' ମହିମା କିଏ ପାରିବ କଳି
ପାପତାପ ସବୁ ନିଏ ସେ ହରି
ଭକତିରେ ତୋଷେ ଯିଏ
ଆସ ଦେଖିଯିବା ତା' ରଥ ଯାତରା
ଯଦି ନ ଦେଖିଛ କିଏ ।

**– ରାଜ କିଶୋର ସ୍ୱାଇଁ**
ଶାନ୍ତିନଗର, ନୂଆବଜାର୍, କଟକ
ମୋ: ୯୪୩୭୪୪୨୦୪୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଲମ୍ବା ଦାଢ଼ିଥିବା ମହିଳା




ମହିଳାଙ୍କର ନିଶ କିମ୍ବା ଦାଢ଼ି ଥିବା କହିଲେ କେହି ହୁଏତ ବିଶ୍ୱାସ କରିବେ ନାହିଁ। କିନ୍ତୁ ଏଭଳି ଜଣେ ଭିନ୍ନ ମହିଳା ହେଉଛନ୍ତି ବିବିୟନ ହ୍ୱିଲର। ଆମେରିକାର ଓକ୍ଲାହୋମାରେ ତାଙ୍କ ଘର। ତେବେ ପୁରୁଷମାନଙ୍କ ଭଳି ତାଙ୍କର ଲମ୍ବା ଦାଢ଼ି ଓ ନିଶ ପାଇଁ ସାରା ବିଶ୍ୱରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଏମିତିକି ସବୁଠୁ ଲମ୍ବା ଦାଢ଼ି ରଖିଥିବା ମହିଳାଭାବେ ତାଙ୍କ ନାମ ଗିନିଜ୍ ରେକର୍ଡରେ ବି ସ୍ଥାନ ପାଇଛି। ୨୦୧୧ ମସିହାରେ ତାଙ୍କୁ ଏହି ସଫଳତା ମିଳିଥିଲା। ତେବେ ହାଇପରଟିସୋସିସ୍ ଥିବା କାରଣରୁ ବିବିୟନଙ୍କର ଦାଢ଼ିନିଶ ଆଦି ବଢି ଯାଉଥିଲା। ପ୍ରଥମେ ସେ ଏଥିପାଇଁ ବ୍ୟତିବ୍ୟସ୍ତ ହୋଇ ସେଭିଂ କରାଉଥିଲେ। କିନ୍ତୁ ବାରମ୍ବାର ଏପରି କରିବାକୁ ପଡୁଥିବାରୁ ବିରକ୍ତ ହୋଇ ସେଭିଂ କରିବା ବନ୍ଦ କରିଦେଇଥିଲେ। ତା'ପରେ ତାଙ୍କର ଦାଢ଼ି ବଢିବାକୁ ଲାଗିଲା। ଏହି କାରଣରୁ ସେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ହେବା ସହିତ ବିଶ୍ୱ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ତେବେ ତିନି ସନ୍ତାନର ମା' ବିବିୟନ ଏଭଳି ଏକ ରୋଗର ଶିକାର ହୋଇଛନ୍ତି ଯାହା ପ୍ରଭାବରେ ଶରୀରର ଭିନ୍ନ ଭିନ୍ନ ଅଂଶରେ ମହିଳା ଓ ପୁରୁଷ ଉଭୟଙ୍କ ଲକ୍ଷଣ ଦେଖାଦେଇଥାଏ।

## ଏଥରର ?

- ଉତ୍ତରପୂର୍ବର କେଉଁ ରାଜ୍ୟରେ ମୁଖ୍ୟତଃ ବିହୁ ପର୍ବ ଧୁମଧାମ୍‌ରେ ପାଳନ କରାଯାଏ ?
- ରାଜପୁତମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ମାର୍ଶାଲ ଆର୍ଟ ପରି ଖଣ୍ଡା ଏବେ ପ୍ରାୟତଃ କେଉଁ ରାଜ୍ୟରେ ଅଧିକ ପ୍ରଚଳନ ରହିଛି ?
- କୁଚୁପୁଡି କେଉଁ ରାଜ୍ୟର ମୁଖ୍ୟ ଲୋକନୃତ୍ୟ ?
- ବିହାର ଓ ପଶ୍ଚିମବଙ୍ଗ ମୁଖ୍ୟତଃ କେଉଁ ପେଣ୍ଟିଂ ନିମନ୍ତେ ପ୍ରସିଦ୍ଧ ?
- ଜୈନଧର୍ମର ପ୍ରଥମ ତୀର୍ଥଙ୍କର କିଏ ?

## ଗତଥରର ଉତ୍ତର

- କାଲିଫର୍ନିଆର ଲସ୍ ଏଞ୍ଜେଲ୍‌ସ
- ଜଷ୍ଟିସ ଭୂଷଣ ରାମକୃଷ୍ଣ ଗୱାଇ
- ୨୪୫
- ବେଙ୍ଗାଲୁରୁ
- ଗୋଦାବରୀ

## କହିଲ ଦେଖି

ଆଷାଢ଼ ମାସରେ ପଡ଼ଇ ଯାତ
କାହିଁ ଦୂର ଦେଶୁ ଆସଇ ଭକ୍ତ
ମନ୍ଦିର ପରିକା ସେ ହୋଇଥାଏ
ତାହାରି ନାମରେ ନାମିତ ହୁଏ
ଚାରି ଠାକୁର ବିରାଜ ହୋଇ
ଭକତ ଟାଣଇ ଆନନ୍ଦ ହୋଇ
କିଏ ଜାଣିଛ ଦିଅ ତ କହି ।




**ଉତ୍ତର – ରଥ**

ଷୋହଳଟି ଚକ ତାହାର ଥାଏ
ଚାରି ଗୋଟି ଘୋଡ଼ା ଆଗରେ ରୁହେ
ଗରୁଡ଼ ଯାହାର ରକ୍ଷକ ହୁଏ
ଦାରୁକ ସାରଥି ଚଲାଉ ଥାଏ
ଜଗାର ରଥ ଅଟଇ ସିଏ
ତାହାର ନାମ କୁହନ୍ତୁ କିଏ ।



**ଉତ୍ତର – ନନ୍ଦିଘୋଷ**

ଭାଇମାନଙ୍କର ଗେହ୍ଲା ଭଉଣୀ
ପାଞ୍ଚ ଅକ୍ଷରରେ ସେ ରଥ ପୁଣି
ବାର ଗୋଟି ଚକ ରହିଛି ଦେଖ
ଭୁବନେଶ୍ୱରୀ ନାମେ ପଡୁଛି ଡାକ
ରଥର ସାରଥି ଅର୍ଜୁନ ଆଗ
କେଉଁ ରଥ ଅଟେ କରନ୍ତୁ ଯୋଗ ।



**ଉତ୍ତର – ଦେବ ଦଳନ**

ଚାରି ଅକ୍ଷରରେ ନାମଟି ରହେ
ପ୍ରଥମ ଦ୍ୱିତୀୟ ଯୋଗ କରିଲେ
ଏକ ଫଳ ବୋଲି ଜାଣିବ ଭଲେ
ଚଉଦ ଟି ଚକ ତା'ର ରହିଛି
ମାତଳୀ ତାଙ୍କର ସାରଥି ଅଛି
କାମପାଳ ଯିଏ ଅଛନ୍ତି ବସି
ଦିଅ ଦିଅ ତା'ର ନାମଟି କହି ।



**ଉତ୍ତର – ତାଳଧ୍ୱଜ**

**– ସୁନୀଲ କୁମାର ପ୍ରଧାନ**
ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬







# ଦାମୀ ଜେଲ

*ପୃଥିବୀରେ ଏମିତି କିଛି ଜେଲ ରହିଛି , ଯେଉଁଠି କଏଦୀମାନଙ୍କୁ ସବୁ ପ୍ରକାରର ସୁବିଧା ମିଳିଥାଏ। ଯେତେବେଳେ ଜେଲ କଥା ମନକୁ ଆସେ ମନରେ ଏକ ଛବି ଉଙ୍କିମାରେ ଯେ ସେଠାରେ ଶୁଖିଲା ରୁଟି ଖାଇବାକୁ ମିଳିବ ଏବଂ କାଳ କୋଠରିରେ ରହିବାକୁ ପଡିବ ଆଦି ଅନେକ କଥା, ଯେଉଁ କାରଣରୁ କେତେକ ଲୋକ ଜେଲ ଯିବାକୁ ଡରିଥାନ୍ତି। ଏମିତି କିଛି ଜେଲ ରହିଛି ଯେଉଁଠି କଏଦୀଙ୍କୁ କୌଣସି ଫାଇଵ୍ ଷ୍ଟାର ହୋଟେଲ୍ ପରି ସୁବିଧା ମିଳିଥାଏ। ସେଭଳି କେତେକ ପ୍ରମୁଖ ଜେଲ ସମ୍ପର୍କରେ ସୂଚନା...*

**ନରଓ୍ୱେ:** ନରଓ୍ୱେରେ ଅବସ୍ଥିତ ବାସ୍ତୋୟ ନାମକ ଜେଲ ଯାହା ବିଳାସପୂର୍ଣ୍ଣ ଲାଗି ବେଶୀ ଜଣାଶୁଣା। ଏଠାକାର କଏଦୀମାନେ ମାଛ ଧରିବା ଠାରୁ ଆରମ୍ଭ କରି ଘୋଡା ଚାଳନା ଏବଂ ଟେନିସ୍ ଖେଳଠୁ ଆରମ୍ଭ କରି ବିଭିନ୍ନ ହସ୍ତକଳା କାର୍ଯ୍ୟ କରିଥାନ୍ତି। ଏହା ସହିତ ଏଠାରେ ସନ୍ ବାଥ୍‌ର ସୁବିଧା ମଧ୍ୟ ରହିଛି।

**ସ୍କଟଲାଣ୍ଡ:** ସ୍କଟଲାଣ୍ଡରେ ଏକ ଜେଲ ରହିଛି ଯେଉଁଠି କଏଦୀମାନଙ୍କୁ ଆରାମଦାୟକ ବେଡ୍ ମିଳିବା ସହ ବିଭିନ୍ନ ପ୍ରକାରର ହସ୍ତକର୍ମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥାଏ।

**ନ୍ୟୁଜିଲାଣ୍ଡ:** ନ୍ୟୁଜିଲାଣ୍ଡର ଓଟାଗୋ ଠାରେ ଏକ ଜେଲ୍ ରହିଛି ଯେଉଁଠି କଏଦୀମାନଙ୍କୁ ଡାଏରୀ ଫାର୍ମିଂଠୁ ଆରମ୍ଭ କରି ସବୁ ପ୍ରକାର କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ଏହା ବ୍ୟତୀତ ଖାଇବାରେ ଭଲଭଲ ଖାଦ୍ୟ ଖାଇବାକୁ ଦିଆଯାଇଥାଏ।

**ଇଣ୍ଡୋନେସିଆ:** ଏଠାରେ ଥିବା ଜେଲରେ ମହିଳାଙ୍କ ଲାଗି ସବୁ ପ୍ରକାରର ସୁବିଧା ରହିଛି। ଯେଉଁଥିରେ ଏୟାର କଣ୍ଡିସନର ରୁମ୍, ଫ୍ରିଜ୍, ମ୍ୟୁଜିକ୍ ଶୁଣିବା ଲାଗି , ବଜାଇବା ଲାଗି ସବୁ ପ୍ରକାର ଇକ୍ୟୁପ୍‌ମେଣ୍ଟ ଏଠାରେ ରହିବା ସହିତ ପାର୍ଲରର ସୁବିଧା ମଧ୍ୟ ଏଥିରେ ସାମିଲ୍ ରହିଛି। ଏସବୁ ପାଇଁ କଏଦୀମାନଙ୍କୁ ମୋଟା ଅଙ୍କର ଦେୟ ଦେବାକୁ ପଡିଥାଏ।

**ସୁଇଜରଲାଣ୍ଡ:** ସୁଇଜରଲାଣ୍ଡରେ ଥିବା ବୋଷ୍ଟନ ଜେଲକୁ ବି ସବୁଠାରୁ ଅଧିକ ବିଳାସପୂର୍ଣ୍ଣ ଜେଲ ଭାବରେ ଗଣନା କରାଯାଏ। ଏଠାରେ ସମସ୍ତ କଏଦୀଙ୍କ ଲାଗି ବିଭିନ୍ନ ସୁବିଧା ଥିବା ପ୍ରାଇଭେଟ୍ ରୁମ୍ ରହିଛି। ଉକ୍ତ ଜେଲରେ କଏଦୀ ନିଜ ଇଚ୍ଛା ମୁତାବକ ଡିଗ୍ରୀ ହାସଲ କରିବାର ସୁଯୋଗ ପାଇଥାନ୍ତି।


# ବଡ଼ ଶରୀର ଛୋଟ ଆହାର



ପଞ୍ଚମ ଶ୍ରେଣୀର ଛାତ୍ର ସୁମନ । ପାଠରେ ଯେମିତି ଆଗୁଆ, ବୁଦ୍ଧି ମଧ୍ୟ ସେମିତି ବିଚକ୍ଷଣ । ପାଠ ପଢ଼ା ସହିତ ଶିଶୁ ପତ୍ରପତ୍ରିକା ପଢ଼ିବା ତା'ର ପିଲାଦିନରୁ ଅଭ୍ୟାସ । ଏଇ ଅଭ୍ୟାସ ସେ ତା'ର ବାପାଙ୍କଠାରୁ ଶିଖିଛି । ବାପା ବିଜ୍ଞାନ ବିଭାଗର ଜଣେ ଅଧ୍ୟାପକ। କୌଣସି ବିଷୟକୁ ନେଇ ତା' ମନରେ କିଛି ବି ସଂଶୟ ଉଠିଲେ, ସଂଗେ ସଂଗେ ବାପାଙ୍କ ପାଖକୁ ଯାଇ ସେ ସବୁ ବୁଝିନିଏ । ସୁମନର ଏହି ଜିଜ୍ଞାସା ଗୁଣ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖୁବ ଭାବିତ କରେ । ବାପା, ଯେତେ ବ୍ୟସ୍ତ ଥିଲେ ବି ତାକୁ ତା'ର ଜିଜ୍ଞାସା ଶାନ୍ତ ନ କରିବା ପର୍ଯ୍ୟନ୍ତ ତାଙ୍କୁ ଶାନ୍ତି ମିଳେ ନାହିଁ ।

ଆଜି ତିମିକୁ ନେଇ ମନରେ ତା'ର ଅନେକ ପ୍ରଶ୍ନ । ତିମି ଦେଖିବାକୁ ଏତେ ବିଶାଳ, କିନ୍ତୁ ଏତେ ଛୋଟ ଛୋଟ ଜୀବ ଖାଏ କାହିଁକି ? ତିମି ତ ମାଛ ଭଳି ପାଣିରେ ରହେ, କିନ୍ତୁ ମାଛ ନୁହଁ କାହିଁକି, ବାପା ? ସୋମୁ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବାପା କହିଲେ, ତୁ ମୋ ପାଖକୁ ଆ, ମୁଁ ଗୋଟି ଗୋଟି ସବୁ ବୁଝାଇ କହୁଛି । ତିମି ଛୋଟ ଛୋଟ ଜୀବକୁ ଖାଇବା ପଛରେ ତା' ମୁହଁର ଗଠନ ବିଶେଷ ଭାବରେ ଦାୟୀ । ତିମି ପାଟିରେ ଦାନ୍ତ ଜାଗାରେ ସରୁ ସରୁ ହାଡ଼ (ବଲିନ ପ୍ଲେଟ) ଜାଲ ପରି ଛନ୍ଦି ହୋଇଥାଏ । ଯେତେବେଳେ ସେ ଖାଇବା ପାଇଁ ପାଟି ମେଲା କରେ, ସେତେବେଳେ ପାଣି ସହ ସେହି ଜୀବସବୁ ପାଟିରେ ପଶିଯାଆନ୍ତି । ତିମି ସଙ୍ଗେ ସଙ୍ଗେ ମୁହଁ ବନ୍ଦ କରିଦିଏ । ଜୀବଗୁଡ଼ିକ ସେହି ଜାଲରେ ଅଟକି ଯାଆନ୍ତି, ଆଉ ପାଣି ସବୁ ପାଟି କଡ଼ ଦେଇ ବାହାରକୁ ବାହାରିଯାଏ । ତା'ପରେ ସେହି ଜୀବକୁ ସେ ଆନନ୍ଦରେ ଖାଏ । ଆଉ ଗୋଟେ କଥା ଦାନ୍ତ ନଥିବା କାରଣରୁ ସେ ବଡ଼ ବଡ଼ ମାଛକୁ ଝିଙ୍କିବା ବା ଚୋବାଇବା ପାଇଁ ଅସମର୍ଥ । ତେଣୁ ସେ କ୍ରିଲ ଓ ଜୁ-ପ୍ଲାଙ୍କଟନ ଭଳି ଛୋଟ ଛୋଟ ଜଳଜୀବ ଖାଏ । ଏହି ଜୀବ ସମୁଦ୍ରରେ ପ୍ରଚୁର ପରିମାଣରେ ଓ ସହଜରେ ମିଳିଥାଏ । ତିମିର ମୁହଁ ବଡ଼ ହେଲେ କ'ଣ ହେବ, ତା'ର ଗଳାଟି ମୁହଁ ତୁଳନାରେ ବଡ଼ ନୁହେଁ । ତେଣୁ ସେ ବଡ଼ଜୀବକୁ ଗିଳିପାରେ ନାହିଁ । ତୁ ଜାଣିଛୁ ସୋମ, ଏଇ କ୍ରିଲ ଦେହରେ ଅଧିକ ପରିମାଣରେ ପ୍ରୋଟିନ ଥାଏ, ଯାହା ତାକୁ ଶକ୍ତି ପ୍ରଦାନ କରିଥାଏ ।

ସୋମୁ କହିଲା, ବାପା ! ମୋତେ ଏସବୁ ଶୁଣିବାକୁ ଓ ଜାଣିବାକୁ ଭାରି ଆନନ୍ଦ ଲାଗୁଛି। ମୁଁ ମୋ ସାଙ୍ଗମାନଙ୍କୁ ଏସବୁ କଥା କହିବି । ବାପା କହିଲେ, ନିଶ୍ଚୟ କହିବୁ। ଏବେ ତୋର ଦ୍ୱିତୀୟ ପ୍ରଶ୍ନର ଉତ୍ତର ଶୁଣ । ତିମି ଏକ ସ୍ତନ୍ୟପାୟୀ ପ୍ରାଣୀ, ଯାହାକୁ ଇଂରାଜୀରେ 'ମାମାଲ' ବୋଲି କହନ୍ତି ଅର୍ଥାତ୍, ତିମି ମାଛ ଭଳି ଅଣ୍ଡା ଦିଏ ନାହିଁ କି ଛୁଆ ଫୁଟାଏ ନାହିଁ । ବରଂ ମଣିଷ ଓ ଗାଈ ପରି ଛୁଆ ଜନ୍ମ କରେ ଓ ସେମାନଙ୍କୁ ଦୁଧ ପିଆଏ । ମାଛ ଗିଲ୍ସ ସାହାଯ୍ୟରେ ଜଳରୁ ଅମ୍ଳଜାନ ଗ୍ରହଣ କରି ଶାସକ୍ରିୟା କରିଥିବା ବେଳେ ତିମି ପାଣିର ଉପରକୁ ଆସି ଫୁସଫୁସ୍ ସାହାଯ୍ୟରେ ଶ୍ୱାସକ୍ରିୟା କରେ । ତେଣୁ ତିମିକୁ 'ତିମିମାଛ' କୁହାଯାଏ ନାହିଁ । ଆଜି ଏତିକି ଥାଉ, ମୋର କଲେଜ ଯିବାକୁ ଡେରି ହେଉଛି। ତୁ ଏବେ ଯାଇ ଖାଇ ପଢ଼ିବାକୁ ବସ।



–**ମମତା ମହାନ୍ତି** ,ଶିକ୍ଷୟିତ୍ରୀ, ଝାଡ଼େଶ୍ୱର
ଇଣ୍ଟରନ୍ୟାସନାଲ ସ୍କୁଲ, ବାଲେଶ୍ୱର
ମୋ : ୮୬୩୭୨୭୨୭୩୯

# ଆଇନା



ସିଦ୍ଧି ଶାସ୍ୱତ ପୃଷ୍ଟି
୭ ବର୍ଷ/କଟକ



ରୁଦ୍ରଭାନୁ ମୁଦୁଲି
୩ ବର୍ଷ/କଟକ